# ପିଲାଙ୍କ ଧରିତ୍ରୀ

ଶନିବାର, ୬ ଜୁଲାଇ, ୨୦୧୯



ଜଣା ଅଜଣା ୭



ଆସ ଜାଣିବା ୩




କବିତା ୬



ଆଇନା ୮


## ଖିଲି ଖିଲି ହସ



(ଭୀମା ଓ ପହିଲିମାନ ମଧ୍ୟରେ କଥାବାର୍ତ୍ତା)
ଭୀମା: ଅଙ୍କଲ ଆପଣ ଏକାଥରେ କେତେଜଣଙ୍କୁ ଉଠାଇ ପାରିବେ ?
ପହିଲିମାନ: ପୁଅ, ମୁଁ ପାଞ୍ଚଜଣଙ୍କୁ ଉଠାଇଦେବି।
ଭୀମା: ମାତ୍ର ? କିନ୍ତୁ ମୋ କୁକୁଡା ତ ସାହିର ସବୁ ଲୋକଙ୍କୁ ଏକାଥରେ ଉଠାଇ ଦେଉଛି ।

ପିଣ୍ଟୁ: ଚିଣ୍ଟୁ, ମୁଁ ତୋତେ ଗୋଟେ ପ୍ରଶ୍ନ ପଚାରୁଛି ତା'ର ଠିକ୍ ଉତ୍ତର ଦେଲୁ। ଯଦି ତୋ ପାଖରେ ଗୋଟିଏ ପ୍ଲେନ ପେପର ଅଛି, ଆଉ ଗୋଟେ ଦରକାର ପଡିଲା ତୁ କ'ଣ କରିବୁ ?
ଚିଣ୍ଟୁ: (କିଛି ସମୟ ଭାବିଲା ପରେ)ମୁଁ ସେଇ ପ୍ଲେନ ପେପରକୁ ଜେରକ୍ସ କରିଦେବି।

ରୋଗୀ : ଡାକ୍ତରବାବୁ, ମୁଁ ଖାଇଲେ ଭୋକ ଲାଗୁଛି, ଅଧିକ କାମ କଲେ ଥକି ଯାଉଛି, ଡେରି ପର୍ଯ୍ୟନ୍ତ ଅନିଦ୍ରା ରହିଲେ ନିଦ ଲାଗୁଛି, ମୁଁ କ'ଣ କରିବି ?
ଡାକ୍ତର: ରାତିସାରା ଖରାରେ ବସିରୁହ, ସବୁ ଠିକ୍ ହୋଇଯିବ।




## ମତାମତ



* ଗପ ପୃଷ୍ଠାରୁ ରଥଯାତ୍ରା କାହିଁକି ହୁଏ ସେ ସମ୍ପର୍କରେ ଜାଣିବାକୁ ପାଇଲି।

**– ଲେଖାଶ୍ରୀ ସାମନ୍ତରାୟ**
ବାଲିଗୁଡା, କନ୍ଧମାଳ

* ରଥଯାତ୍ରା ସମ୍ପର୍କିତ ଏଥର ପ୍ରଚ୍ଛଦଟି ଖୁବ୍ ସୁନ୍ଦର ଲାଗୁଥିଲା। ରଥଯାତ୍ରା ସମ୍ପର୍କରେ ବିଭିନ୍ନ କଥା ଜାଣିବାକୁ ମିଳିଲା।

**– ମହେଶ୍ୱର ମହାପାତ୍ର**
ବୈଶିଙ୍ଗା, ମୟୂରଭଞ୍ଜ

* ତୁମ ତୂଳୀରୁ ପୃଷ୍ଠାରେ ସ୍ଥାନିତ ରଥଯାତ୍ରା ସମ୍ପର୍କିତ ପ୍ରତିଟି ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା। ଏହି ପୃଷ୍ଠାଟି କୁନି କୁନି ପିଲାଙ୍କ କଳାପ୍ରତିଭାକୁ ବେଶ୍ ଉତ୍ସାହିତ କରିପାରୁଛି।

**– ପଦ୍ମିନୀ ସାହୁ**
ବେଲପାହାଡ, ଝାରସୁଗୁଡା

* ରଥଯାତ୍ରା ସମ୍ପର୍କିତ ସମସ୍ତ କବିତା ମନଛୁଆଁ ହୋଇଥିଲା।

**– ରଞ୍ଜନ ଦାସ**
କୃଷ୍ଣପ୍ରସାଦ, ବ୍ରହ୍ମଗିରି

# ଉତ୍ତରାଧିକାରୀ

ଗପ



କୌଣସି ଏକ ନଗରରେ ଜଣେ ଧନୀ ବଣିକ ଥିଲେ। ତାଙ୍କର ବିରାଟ କାରବାର ଥିଲା। ବଣିକଙ୍କ ତିନିପୁଅ। ବଣିକ ବୁଢ଼ା ହୋଇଯାଇଥିଲେ। ବେପାର ଦେଖାଶୁଣା କରିବାକୁ ଆଉ ପାରୁ ନ ଥିଲେ। ଏଣୁ ତାଙ୍କ ଅନ୍ତେ ଉତ୍ତରାଧିକାରୀ କିଏ ହେବ ; ତାହା ସେ ଠିକ୍ କରିବାକୁ ଚାହୁଁଥିଲେ । ହେଲେ, ତିନିପୁଅଙ୍କ ଭିତରୁ କାହାକୁ ସେ ବାଛିବେ କିଛି ଠିକ୍ କରିପାରୁ ନ ଥିଲେ। କାରଣ ତିନିପୁଅଙ୍କ ମଧ୍ୟରୁ ଜଣଙ୍କୁ ଉତ୍ତରାଧିକାରୀ କରିଦେଲେ, ଅନ୍ୟ ଦୁଇ ପୁଅଙ୍କ ମନ ଦୁଃଖ ହେବ।

କ'ଣ କରିବେ ଭାବୁ ଭାବୁ ଦିନେ ବଣିକଙ୍କ ମନକୁ ବୁଦ୍ଧିଟିଏ ଜୁଟିଲା । ସେ ତିନିପୁଅଙ୍କ ବୁଦ୍ଧି ଓ ବେପାର କୌଶଳ ପରୀକ୍ଷା କରିବାକୁ ଚାହିଁଲେ। ଭାବିଲେ, ମୋ ପରୀକ୍ଷାରେ ଯିଏ ସଫଳ ହେବ ; ସେ ହେବ ମୋ ଉତ୍ତରାଧିକାରୀ । ଏମିତି ବିଚାର କରି ବଣିକ ତିନିପୁଅଙ୍କୁ ପାଖକୁ ଡାକିଲେ। ସେମାନଙ୍କୁ ହଜାରେ ଲେଖାଏ ସୁନାମୋହର ଦେଇ କହିଲେ– ''ଆରେ ପିଲେ ! ମୁଁ ତ ବୁଢ଼ା ହେଲିଣି। ଆଉ ବେପାରକୁ ପାରୁନି। ଏଣୁ ତୁମେ ଏଇ ସୁନାମୋହର ନିଅ। ବେପାର କରି ବର୍ଷେ ପରେ ଘରକୁ ଫେରିଆସ।''

ସୁନାମୋହର ନେଇ ତିନି ବଣିକ ପୁଅ ଅଲଗା ଅଲଗା ନଗରକୁ ଗଲେ।

ବଡ଼ ବଣିକ ପୁଅ ଭାବିଲା–ବାପା ଆମକୁ ବୋଧେ ପରୀକ୍ଷା କରିବାକୁ ଚାହୁଁଛନ୍ତି। ସେଥିପାଇଁ ସେ ଆମକୁ ଧନ ଦେଇ ବେପାର କରିବାକୁ କହୁଛନ୍ତି। ଠିକ୍ ଅଛି। ମୁଁ ବେପାର କରି ବହୁ ଧନର ମାଲିକ ହୋଇ ବର୍ଷେ ପରେ ଘରକୁ ଫେରିବି।

ଏମିତି ଭାବି ବଡ଼ ବଣିକ ପୁଅ ନିଜର ବେପାର ଆରମ୍ଭ କଲା। ଦିନରାତି ପରିଶ୍ରମ କରି ଧନ ରୋଜଗାର କଲା। ନିଜ ପାଇଁ ଯେତିକି ଦରକାର, ସେତିକି ଖର୍ଚ୍ଚ କରି ବଳକା ଧନ ସେ ଜମା କରିବାକୁ ଲାଗିଲା। ଯେତେ ସବୁ ଖରାପ କାମଠୁ ଦୂରେଇ ରହି ସେ କେବଳ ନିଜ ବେପାରରେ ମନ ଦେଲା। ମଝିଆ ବଣିକ ପୁଅ ଭାବିଲା–ଆମ ପାଖରେ ଅମାପ ଧନ। ହେଲେ ରୋଜଗାର ନ କରି ସେ ସବୁକୁ ଯଦି ଖର୍ଚ୍ଚ କରିବୁ, ତେବେ ବସି ଖାଇଲେ ନଈବାଲି ସରିଲା ଭଳି ଦିନେ ତାହା ସରିଯିବ। ଏଣୁ ମୂଳକୁ ସଞ୍ଚୟ କରି ରଖିବାକୁ ହେବ। ଏମିତି ବିଚାର କରି ସେ ବେପାର କଲା। ମୂଳଧନକୁ ସଞ୍ଚୟ କରି ଲାଭରେ ନିଜର ସମସ୍ତ ପ୍ରକାର ସୁଖସୁବିଧାରେ ଖର୍ଚ୍ଚ କଲା।

ସାନ ବଣିକ ପୁଅ ବିଚାର କଲା– ମହାଲକ୍ଷ୍ମୀଙ୍କ କୃପାରୁ ସାତପୁରୁଷ ଧରି ଆମ ଘରକୁ ଧନ ଆସୁଛି। କିନ୍ତୁ ବାପା ବୁଢ଼ା ହୋଇଯିବା କାରଣରୁ ଧନ ସରିବା ଭୟରେ ଆମକୁ ରୋଜଗାର ପାଇଁ ବିଦେଶ ପଠାଉଛନ୍ତି। ବିଦେଶ ଯାଇ ସେଇଠି କିଏ ରୋଜଗାର ଝମେଲାରେ ପଡୁଛି? ଧନ ମିଳିଛି। ମଜାମଜଲିସ କରି ଜୀବନକୁ ଉପଭୋଗ କରିବା କଥା। ଏ ସୁଯୋଗ ହାତଛଡ଼ା ହେଲେ ହୁଏତ ଆଉ ଜୀବନରେ ଆସି ନ ପାରେ ! ଏମିତି ଭାବି ସେ ବେପାର କରି ଧନ ଅରଜିବ କ'ଣ ଓଲଟା ସେଇ ଧନରେ ମଦ, ମାଂସ, ଜୁଆ ଖେଳି ସବୁ ଧନ ସାରିଦେଲା।

ବଣିକ ବୁଢ଼ାଙ୍କ କହିବାନୁଯାୟୀ ବର୍ଷକ ପରେ ତିନି ପୁଅ ଘରକୁ ଫେରିଲେ। ସାନ ପୁଅ ଖରାପ କାମ କରି ଧନ ସାରି ଖାଲି ହାତରେ ଫେରିଲା। ସେ ସମସ୍ତଙ୍କ ଚାକର ସଦୃଶ ରହିଲା।

ମଝିଆ ପୁଅ ଯେତିକି ଧନ ନେଇଥିଲା, ସେତିକି ଆଣି ବାପାଙ୍କୁ ଫେରାଇଲା। ଏଣୁ ସେ ନିଜ କାମ ଧନ୍ଦାରେ ମନ ଦେଲା।

ବଡ଼ପୁଅ ଯିଏ ନିଜର ବୁଦ୍ଧି ଓ ବେପାର କୌଶଳ ବଳରେ ବହୁ ପରିଶ୍ରମ କରି ବେପାର କରୁଥିଲା, ଦାନ–ପୁଣ୍ୟ କରି ନାଁ ଅରଜି ଘରକୁ ଫେରିଲା।

ତିନି ପୁଅଙ୍କ କାମ ଦେଖି ବଣିକ ବଡ଼ ପୁଅକୁ ନିଜର ଉତ୍ତରାଧିକାରୀ ଭାବେ ଘୋଷଣା କଲେ। କାରଣ ବଡ଼ ପୁଅ ତାଙ୍କ ପରୀକ୍ଷାରେ ସଫଳ ହୋଇଥିଲା। ତା'ପରଠୁ ବଣିକ ନିଜର ସମସ୍ତ ବେପାର ଦାୟିତ୍ୱ ବଡ଼ ପୁଅକୁ ଦେଇ ଶାନ୍ତିରେ ରହିଲେ।

ପିଲାମାନେ ! ବଣିକ ନିଜର ତିନିପୁଅଙ୍କୁ ସମାନ ଭାବରେ ସୁନାମୋହର ଦେଇ ସେମାନଙ୍କୁ ପରୀକ୍ଷା କରିବାକୁ ଚାହିଁଲେ, ତିନିପୁଅଙ୍କ ମଧ୍ୟରୁ ବଡ଼ ପୁଅ ହିଁ ତାଙ୍କ ପରୀକ୍ଷାରେ ସଫଳ ହେଲା। କାରଣ ତା'ପାଖରେ ବୁଦ୍ଧି, ନିଷ୍ଠା ଓ ବେପାର କୌଶଳ ଥିଲା। କିନ୍ତୁ ଆର ଦୁଇ ପୁଅଙ୍କ ପାଖରେ ସେସବୁର ଅଭାବ ଥିଲା। ସତରେ, ଯାହା ପାଖରେ ବୁଦ୍ଧି, ନିଷ୍ଠା ଓ କୌଶଳ ଅଛି, ସେ ବେପାର କ'ଣ ସବୁ କ୍ଷେତ୍ରରେ ସଫଳ ହୋଇଥାଏ।

**–ଯଜ୍ଞଦତ୍ତ ସାମନ୍ତରାୟ**
*କବିସୂର୍ଯ୍ୟନଗର, ଗଞ୍ଜାମ*

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795





# ହିମାଳୟର ଜନ୍ମଗାଥା



**ସା**ହିତ୍ୟ ସାର୍ କୌଣସି ଏକ ଜରୁରୀ କାର୍ଯ୍ୟ ହେତୁ ଅନୁପସ୍ଥିତ ଥିବାରୁ ଘସିପୁରା ଉଚ୍ଚ ବିଦ୍ୟାଳୟର ନବମଶ୍ରେଣୀ ଛାତ୍ରମାନଙ୍କୁ ବିଜ୍ଞାନ ଶିକ୍ଷକ ସୁଶାନ୍ତ ସାର୍ ଟିକେ ସାହିତ୍ୟ ପଢ଼ାଇବାକୁ ମନସ୍ଥକଲେ। ପଢ଼ାଉଥିବା ବେଳେ ପିଲାମାନଙ୍କୁ ଗର୍ବ ଏବଂ ରାଗ ପ୍ରବୃତ୍ତିରୁ ନିବୃତ ରହିବା ପାଇଁ ଉପଦେଶ ପୂର୍ବକ କହିଲେ ଯେ, ‘‘ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର।’’

ଅତୀତ ଘଟଣାବଳୀରୁ ସାର୍ ଉଦାହରଣ ଦେଉଥିବା ବେଳେ ପଛ ବେଞ୍ଚରୁ ଛିଡ଼ାହୋଇ ସାନୁ ପଚାରିଲା, ‘‘ଅତୀତରେ ଯେ ନିମ୍ନରେ ଥିଲା ଆଜି ଉଚ୍ଚ ସ୍ଥାନରେ ଥିବାର, ବିଜ୍ଞାନରେ ବି କ'ଣ ଏମିତି ଦୃଷ୍ଟାନ୍ତ ଦେଖାଯାଏ ?’’

ସୁଶାନ୍ତ ସାର୍ ପିଲାଙ୍କଠାରୁ ଏମିତି ଏକ ପ୍ରଶ୍ନ ଆଶା କରି ନ ଥିଲେ। ମାତ୍ର ପିଲାମାନଙ୍କୁ ବୁଝାଇବାକୁ ଯାଇ ହିମାଳୟର ଉଦାହରଣ ଦେଲେ ଏବଂ କହିଲେ, ‘‘ଆଜିର ସୁଉଚ୍ଚ ହିମାଳୟ ପର୍ବତ ମଧ୍ୟ ଦିନେ ସମୁଦ୍ରର ଅତଳ ଗର୍ଭରେ ଥିଲା।’’ ଆଉ କହିବା ନିଷ୍ପ୍ରୟୋଜନ, ଆଜିର ଉଚ୍ଚସ୍ଥାନ ପାଇଥିବା ବ୍ୟକ୍ତିବିଶେଷମାନଙ୍କ ମଧ୍ୟରୁ ଅତୀତରେ ସମାଜରେ ନୀଚ ପାହ୍ୟାରେ ଥିବାର ଅନେକ ନଜିର ରହିଛି।

ସାର୍‌ଙ୍କ ପାଟିରୁ କଥା ସରିଛି କି ନାହିଁ, ସାନୁର ଚଗଲା ସାଙ୍ଗ ଦେବୁନା ପ୍ରଶ୍ନ କଲା–ଯଦି ହିମାଳୟ ସମୁଦ୍ର ଗର୍ଭରେ ଥିଲା ତା'ହେଲେ ଏଭରେଷ୍ଟ ଶୃଙ୍ଗ ୮୮୪୮ମିଟର ଉପରକୁ କିପରି ମୁଣ୍ଡ ଟେକି ଠିଆ ହୋଇଛି ?

ଆଜି ଯାହା ଆମେ ଭାରତ ଭୂଖଣ୍ଡ ବୋଲି କହୁଛେ ଏବଂ ଦେଖୁଛେ ତାହା ନିୟୁତ ବର୍ଷ ପୂର୍ବେ ସେପରି ନ ଥିଲା। ଦକ୍ଷିଣ ଗୋଲାର୍ଦ୍ଧରେ ଥିଲା ଭାରତର ଅବସ୍ଥିତି । ଆଜିର ସମୟରେ ଭାରତ ଏବଂ ଅଷ୍ଟ୍ରେଲିଆକୁ ଭାରତ ମହାସାଗର ଅଲଗା କରିବା ପୂର୍ବକ ଅତୀତରେ ଏସିଆ ମହାଦେଶ ଓ ଭାରତକୁ ବିଚ୍ଛିନ୍ନ କରୁଥିଲା ଟେଥିସ୍ ମହାସାଗର । ସମୁଦ୍ର ଗର୍ଭକୁ ବିଭିନ୍ନ ନଦନଦୀ ନିଜର ଜଳ ଓ ବାଲି ଗୋଡ଼ି ଆଦି କଣିକା ନିଷ୍କାସିତ କରିବା ପରି ସେ କାଳରେ ବିଭିନ୍ନ ନଦନଦୀ ମୃତ୍ତିକା ଓ ଜଳ ନିଷ୍କାସିତ କରୁଥିଲେ। ଟେଥିସ୍ ମହାସାଗର ଗର୍ଭରେ ସ୍ତରସ୍ତର ହୋଇ ବର୍ଷ ବର୍ଷ ଧରି ବାଲି ଗୋଡ଼ି ଜମାହେଲା। ତେବେ ଯେବେ ଭାରତ ଦକ୍ଷିଣ ଗୋଲାର୍ଦ୍ଧରୁ ଅପସାରିତ ହୋଇ ଏସିଆ ମହାଦେଶ ସହ ଧକ୍କା ହେଲା ଉକ୍ତ ଧକ୍କାରୁ ସୃଷ୍ଟିହୁଏ ଉତ୍ତୁଙ୍ଗ ହିମାଳୟ। ଟେଥିସ୍ ମହାସାଗର ସମ୍ପୂର୍ଣ୍ଣରୂପେ ହୁଏ ଅନ୍ତର୍ଦ୍ଧାନ ଆଉ ଟେଥିସ୍‌ର ସ୍ତରୀଭୂତ ବାଲିଗୋଡ଼ି ରୂପ ନିଏ ସୁଉଚ୍ଚ ହିମାଳୟ ପର୍ବତ ରୂପେ ବୋଲି ସୁଶାନ୍ତ ସାର୍ ବୁଝାଇଦେଲେ।

ସୁଶାନ୍ତ ସାର୍‌ଙ୍କ କଥା ସରିଛି କି ନାହିଁ, ସାନୁ ପୁନଃ ସ୍ପଷ୍ଟୀକରଣ ପାଇଁ ପ୍ରଶ୍ନକଲା, ହିମାଳୟ ସମୁଦ୍ର ଗର୍ଭରେ ଥିବାର ବୈଜ୍ଞାନିକ ପ୍ରମାଣ କ'ଣ ?

ସୁଶାନ୍ତ ସାର୍ ପିଲାଙ୍କୁ ବୁଝାଇବାକୁ ଯାଇ ପ୍ରଶ୍ନକଲେ, ସମୁଦ୍ରରେ ବସବାସ କରୁଥିବା ଜଳଚର ପ୍ରାଣୀମାନେ ଯଥା–ଡଲ୍‌ଫିନ୍, ସାମୁଦ୍ରିକ ମାଛ, ଗେଣ୍ଡା, ଶାମୁକା ଆଦି କ'ଣ ସ୍ଥଳ ଭାଗରେ ବଞ୍ଚିପାରିବେ କି ?

ସାନୁ ଓ ତା'ର ସାଙ୍ଗ ଦେବୁନା ସମସ୍ୱରରେ ଉତ୍ତର ଦେଲେ, ସାମୁଦ୍ରିକ ପ୍ରାଣୀମାନେ ସ୍ଥଳଭାଗରେ ବଞ୍ଚିବା କଷ୍ଟକର।

ପିଲାଙ୍କ କଥା ଶୁଣି ସାର୍ କହିଲେ, ତୁମ ଉତ୍ତର ହିଁ ହିମାଳୟର ଜନ୍ମ ବୃତ୍ତାନ୍ତ ସମୁଦ୍ରରୁ ହୋଇଥିବାର ପ୍ରମାଣ ଦିଏ। ଅର୍ଥାତ୍ ହିମାଳୟର ପୃଷ୍ଠଭୂମିରୁ ମିଳୁଥିବା ଜୀବମାନଙ୍କର ଧ୍ୱଂସାବଶେଷ ବା ଜୀବାଶ୍ମମାନ ସାମୁଦ୍ରିକ ପ୍ରକୃତିର । ଏସିଆ ମହାଦେଶ ଏବଂ ଭାରତ ଭୂଖଣ୍ଡ ଧକ୍କା ହେତୁ ଟେଥିସ୍ ମହାସାଗର ଉଭେଇଯିବାରୁ ଟେଥିସ୍ ମହାସାଗରର ସାମୁଦ୍ରିକ ପ୍ରାଣୀମାନେ ଧ୍ୱଂସ ହୋଇଗଲା ପରେ ମଧ୍ୟ ପ୍ରାଣୀମାନଙ୍କ ଜୀବାଶ୍ମ ହିମାଳୟ ପର୍ବତରେ ପ୍ରଚୁର ପରିମାଣରେ ପ୍ରାପ୍ତ ହେଉଛି। ଆଉ ଭୂବୈଜ୍ଞାନିକମାନଙ୍କ ମତାନୁସାରେ ସାମୁଦ୍ରିକ ଜୀବାଶ୍ମମାନ ହିମାଳୟ ସୃଷ୍ଟିର ରହସ୍ୟକୁ ଉନ୍ମୋଚନ କରିବାରେ ଯଥେଷ୍ଟ ଭୂମିକା ଗ୍ରହଣ କରିଥାନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ପୁରାତନ ସମୟର ଜଳବାୟୁ ଓ ସମୁଦ୍ରର ଜଟିଳ ପ୍ରକୃତିକୁ ମଧ୍ୟ ବୁଝାଇବାରେ ଯଥେଷ୍ଟ ସହାୟକ ହୋଇଥାନ୍ତି।

ଏତକ ଶୁଣିସାରିବା ପରେ ପିଲାମାନେ ଏକାସାଙ୍ଗରେ କହିଉଠିଲେ, ଆମକୁ ସାହିତ୍ୟ ମାଧ୍ୟମରେ ଦିଆଯାଉଥିବା ଛୋଟଛୋଟ ଉପଦେଶ ମଧ୍ୟ ବିଜ୍ଞାନର କ୍ଳିଷ୍ଟତା ମଧ୍ୟରେ ପରିଲକ୍ଷିତ ହେବା ସଙ୍ଗେସଙ୍ଗେ ଅନ୍ତର୍ନିହିତ ରହିଛି। ଆଉ ପିଲାଙ୍କ କଥା ଶୁଣି ସୁଶାନ୍ତ ସାର୍ ବି ମୁଣ୍ଡ ଟୁଙ୍ଗାରି ସମର୍ଥନ ଜଣାଇଲେ।

**–ପ୍ରଶାନ୍ତ କୁମାର ମିଶ୍ର**
*ସହକାରୀ ପ୍ରଫେସର, ଭୂତତ୍ତ୍ୱ ବିଜ୍ଞାନ,*
*ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼*
*ମୋ: ୯୯୬୭୩୪୦୪୦୪*




## ଆସ ଜାଣିବା


## ନିଆରା ଥିମ୍ ପାର୍କ

**ପ**ର୍ଯ୍ୟଟକଙ୍କ ମନୋରଞ୍ଜନ ଲାଗି ଆଜିକାଲି ପର୍ଯ୍ୟଟନ ସଂସ୍ଥା ଦ୍ୱାରା ବିଭିନ୍ନ ଥିମ୍ ପାର୍କ ନିର୍ମାଣ କରାଯାଉଛି । ଏହି ଥିମ୍ ପାର୍କଗୁଡିକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ହୋଇଥାଏ । ସେହିଭଳି ଏକ ଥିମ୍ ପାର୍କ ରହିଛି ଫ୍ରାନ୍ସର ଲେସ୍ ଏପେସେସ୍ ସହରରେ । ଯାହାର ନାଁ ରହିଛି ‘ଲେ ପୁ୍ୟ ଡିଉ ଫୋଉ’। ଐତିହାସିକ ବିଷୟବସ୍ତୁ ଉପରେ ଆଧାରିତ ଏହି ଥିମ୍ ପାର୍କରେ ପର୍ଯ୍ୟଟକମାନେ ଇତିହାସର ବିଭିନ୍ନ ଘଟଣାବଳୀକୁ ଜୀବନ୍ତ ଦେଖିବାର ସୁଯୋଗ ପା'ନ୍ତି । ଲାଇଭ୍ ଶୋ ’ ମାଧ୍ୟମରେ ଇତିହାସର ବିଭିନ୍ନ ଯୁଦ୍ଧ ଏବଂ ମହତ୍ତ୍ୱପୂର୍ଣ୍ଣ ଘଟଣା ଆଦିକୁ ଦକ୍ଷ କଳାକାରମାନେ ଅତି ସୁନ୍ଦର ଭାବେ ପ୍ରତିପାଦିତ କରିଥାନ୍ତି । ଏଠାରେ ନିର୍ମିତ ହୋଇଥିବା ବିଭିନ୍ନ ସେଟ୍ ମଧ୍ୟ ଦେଖିବାକୁ ଜୀବନ୍ତ ଲାଗେ । ବିଭିନ୍ନ ଘଟଣାବଳୀ ପାଇଁ ଏଠାରେ ଭିନ୍ନ ଭିନ୍ନ ସ୍ଥାନ ରହିଛି । ଗ୍ଲାଡିଏଟର୍ସ ଯୁଦ୍ଧ ପାଇଁ ଏଠାରେ ଏକ ବିଶାଳ ଷ୍ଟାଡିୟମ ରହିଥିବା ବେଳେ ଜଳଦସ୍ୟୁମାନଙ୍କ ସହ ଯୁଦ୍ଧ ଲାଗି ଜଳଭାଗ, ବଡବଡ ଡଙ୍ଗା ଆଦିର ସେଟ୍ ମଧ୍ୟ ନିର୍ମାଣ କରାଯାଇଛି। କେବଳ ସେତିକି ନୁହେଁ କଳାକାରମାନେ ସେକାଳର ବେଶ ଧାରଣ କରି ଘୋଡା ଚଢିବା, ଖଣ୍ଡାଯୁଦ୍ଧ, ବିଭିନ୍ନ ଷ୍ଟଣ୍ଟ ଆଦି ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥାନ୍ତି । ଏହି ଥିମ୍ ପାର୍କଟି ଫ୍ରାନ୍ସର ସବୁଠାରୁ ଲୋକପ୍ରିୟ ଆଡଭେଞ୍ଚର ପାର୍କର ମାନ୍ୟତା ଲାଭ କରିଛି ।





୧



୨



୩



୪



୫


୬


୭


୮


୯


୧୦

୧ 
**ଖୁସି ସାହା**
କ୍ଲାସ-୬, ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲ, ସମ୍ବଲପୁର

୨ 
**ଆୟୁଷ୍ମାନ ଦାସ**
କ୍ଲାସ - ୧୦, ନୃସିଂହ ଗୁରୁ ଟାଉନ୍ ହାଇସ୍କୁଲ, ସମ୍ବଲପୁର

୩ 
**ଅନୁରାଗ ମିଶ୍ର**
କ୍ଲାସ - ୫, ତଳକାହାଳିଆ ପ୍ରାଥମିକ ବିଦ୍ୟାଳୟ, ନୀଳଗିରି,ବାଲେଶ୍ୱର

୪ 
**ବିଶ୍ୱବିଦିତା ବେଢ଼ବେକ୍**
କ୍ଲାସ-୪, କେନ୍ଦ୍ରୀୟ ବିଦ୍ୟାଳୟ, ସୋନପୁର

୫ 
**ଓମ୍ ଜ୍ୟୋତି ମହାନ୍ତି**
କ୍ଲାସ-୮, ବଡଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୁବନେଶ୍ୱର

୬ 
**ସ୍ୱୟଂସିଦ୍ଧା**
କ୍ଲାସ - ୯, ଡିଏଭି ପବ୍ଲିକ୍ ସ୍କୁଲ, ବୁର୍ଲା

୭ 
**ଗାର୍ଗୀ ଦାସ**
କ୍ଲାସ - ୪, ଲୟୋଲା ସ୍କୁଲ, ଭୁବନେଶ୍ୱର

୮ 
**ଶୁଭଶ୍ରୀ ମାଝି**
କ୍ଲାସ - ୮, ସପୋର୍ଟ ଶିଶୁ ଗୃହ, ଦେବଗଡ

୯ 
**ସ୍ନିଗ୍ଧା ପଣ୍ଡା**
କ୍ଲାସ - ୭, କେନ୍ଦ୍ରୀୟବିଦ୍ୟାଳୟ, ସମ୍ବଲପୁର

୧୦ 
**ପ୍ରକୃତି ରାୟ**
କ୍ଲାସ - ୬, ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲ, ସମ୍ବଲପୁର

## କହିଲ ଦେଖି



୧) ତିନୋଟି ଅକ୍ଷରେ ନାମ ମୋହର
ପ୍ରଥମ ଦୁଇଟି ବାଉଁଶ ଫାଳ
ଶେଷ ଦୁଇଟି ସାଜଇ ଖେଳ
ଆସିଲେ ଥରେ ଲିଭାଏ ହସ
କରିଚାଲିଯାଏ ମୁଁ ସର୍ବନାଶ ।

ଉ-ବତାସ




୨)ଖରାଦିନେ
ତା'ର ବେଶି ଚାହିଦା
ଖାଇଦେଲେ ତାକୁ ମିଳେ ଫାଇଦା
ଶାଗୁଆ ରଙ୍ଗ ଅଟେ ଚୋପାଟି ତା'ର
ନାଲି ଟୁକୁଟୁକୁ ଦିଶେ ତା' ଭିତର
ଜଳୀୟ ଅଂଶ ସେଥିରେ ଥାଏ ପ୍ରଚୁର
ସୁଆଦିଆ ଫଳ ଭାରି ସୁନ୍ଦର ।

ଉ- ତରଭୁଜ

୩)ଉପରଟି
ମୋର ଭାରି କଠିନ
ଭିତର ଅଂଶ ଚୋରାଏ ମନ
କଞ୍ଚାବେଳେ ଟିକେ କଷା ଲାଗଇ
ପାଚିଲାରେ ବାସ୍ନା ମନ ଚୋରେଇ
ମୋ ଦେହେ ଅଛି ସୁଆଦ ଭରି
କିଏ ସେ କହିବ ନାମ ମୋହରି ।

ଉ-କଇଥ






୪)ଲକ୍ଷ୍ମୀଙ୍କ ପାଦତଳେ ପାଇଛି ସ୍ଥାନ
ରାତିଟା ତା' ପାଇଁ ସାଜଇ ଦିନ
ବସିଗଲେ ଆସି ଚାଳରେ ସିଏ
ଅଶୁଭ ବୋଲି ତାକୁ ସମାଜ କୁହେ ।

ଉ-ପେଚା

-ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଉତ୍ତରକୁଳହାଟ,
ପ୍ରୀତିପୁର, ଯାଜପୁର
ମୋ: ୮୮୯୨୩୦୧୧୪୩

## ପାର୍ଥକ୍ୟ ଦର୍ଶାଅ



## ଏ ଥ ର ର ପ୍ର ଶ୍ନ

★ ଆଇସିସି କ୍ରିକେଟ ୱାର୍ଲ୍ଡକପ୍ ୨୦୧୯ କେଉଁଠାରେ ଅନୁଷ୍ଠିତ ହେଉଛି?

★ କ୍ରିକେଟ ୱାର୍ଲ୍ଡକପ୍ ୨୦୧୯ରେ ମୋଟ କେତୋଟି ଦେଶ ଭାଗ ନେଇଛନ୍ତି?

★ ବର୍ତ୍ତମାନ ଭାରତୀୟ କ୍ରିକେଟ ଦଳର ଅଧିନାୟକ କିଏ ଅଛନ୍ତି?

★ ଏବେ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ କିଏ?

## ଆରଥରର ଉ ତ୍ତ ର

* ୧୪ ଦିନ
* ପୁରୀ ଗଜପତି
* ଶ୍ରୀ ସୁଦର୍ଶନ
* ପୋଡ଼ପିଠା
* ଶ୍ରୀଗୁଣ୍ଡିଚା ଯାତ୍ରା/ ଘୋଷଯାତ୍ରା

## ତୁମ ପଢ଼ିବା ପାଇଁ

**ଶୁଆ-ଶାରୀ:** ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଶୁଆ-ଶାରୀ'ରେ ରହିଛି ସିଏ ମୋ ପ୍ରକୃତ ମାଆ, ମୁଠେ ବାଲି, ପିଲାଙ୍କ ପାଇଁ ଗପଟିଏ, ଜଳ ଆମ ଜୀବନ, ଜାତିର ପିତା, ବନ୍ଧୁ ପରି ଗଛଟିଏ, ଦେଖିବାକୁ ଥରେ ଚାଲ ପରି ଶିକ୍ଷଣୀୟ କେତୋଟି ଗଳ୍ପ ଓ କବିତା । ସମୀର କୁମାର ପାଢ଼ୀଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୨୦ଟଙ୍କା । ଯୋଗାଯୋଗ: ଶୁଆ-ଶାରୀ କାର୍ଯ୍ୟାଳୟ, ଟେନ୍‌ସା, କ୍ୱାର୍ଟରନଂ- ବି୧୧୭,ସୁନ୍ଦରଗଡ ।




## କ ବି ତା

### କାଲି କେବେ ଆସେ ନାହିଁ

**କା**ଲି କେବେ କିଏ ଦେଖିଛି କୁହ
କାଲି ହିଁ କେବଳ ଲଗାଏ ମୋହ ।
ଅଳସୁଆ ଖୋଜେ ଆସନ୍ତାକାଲି
ଦୁଃଖ ପାଉଥାଏ ଭଳିକି ଭଳି ।
ଜୀବନର ସଞ୍ଜ ଆସିବ ନଇଁ
ଆଜି କଥା ଆଉ କାଲିକି ନାହିଁ ।
ଅସମ୍ଭବ ଲେଖା ମୂର୍ଖ ଡାଏରୀ
ପାରିଲାପଣିଆ ସବୁଠି ଭାରି ।
ଦୁନିଆର ରଙ୍ଗ ମଞ୍ଚରେ ଠିଆ
ଅଭିନୟ ତା'ର ଯେ ମୂଳଦୁଆ ।
କର୍ତ୍ତବ୍ୟରେ କେବେ ହେଳା ନ କରି
ସଂସାର ନାବରେ ହୁଅ ଯେ ପାରି ।
କାଲି ପରା କେବେ ଆସଇ ନାହିଁ
ଆଜି କାମ କଲେ ଜିତିବ ସେହି ।
କାଲି ଆସିବାଟା ସାତ ସପନ
ଆଜି କାମ ପାଇଁ ଉଏଁ ତପନ ।

-ଜଗନ୍ନାଥ ସାମଲ
ତୁଳସୀପୁର, ଭଣ୍ଡାରିପୋଖରୀ, ଭଦ୍ରକ
ମୋ: ୯୪୩୭୩୦୯୯୩୬

### ମା'



**ମା'** ପାଦତଳେ ଶୋଇପଡ଼ିଥିଲି
ଟିକିଏ ସମୟ ପାଇଁ
ଏମିତି ଲାଗିଲା କେତେ ଜନମର
ସୁଖ ପାଇଗଲି ମୁହିଁ ।
ଏତେ ଦିନ କେବେ ଆଗରୁ ଶୋଇନି
ଗଦି ପଲଙ୍କଟେ ଥାଇ
ମା' ପାଦଠାରୁ ଭଲ ଜାଗା ଆଉ
ଦୁନିଆରେ ବୋଧେ ନାହିଁ ।

-ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ, ୮ମ ଶ୍ରେଣୀ
ସୋମନାଥ ଶିକ୍ଷା ନିକେତନ, ମଞ୍ଚେଶ୍ୱର, ଭୁବନେଶ୍ୱର

### ଟିକି ଚଢ଼େଇଟି



**ଟି**କି ଚଢ଼େଇଟି
ନୀଳ ଆକାଶେ,
ଉଡ଼ି ବୁଲୁଥାଏ
ମନ ହରଷେ ।
କୁନି କୁନି ତା'ର
ଡେଣାକୁ ଝାଡ଼ି,
ଦୂର ଆକାଶରେ
ଯାଏ ସେ ଉଡ଼ି ।
ଏ ଗଛ ସେ ଗଛ
ଉଡଇ ବୁଲି,
ଝାଡୁଥାଏ ପ୍ରୀତି
ମମତା ଝୁଲି ।
କିଚିରି ମିଚିରି
ଗାଇ କି ଗୀତ,
ଡାକେ କୁନା ଆସ
ବସିବା ମିତ ।
ଟିକି କୁନା କହେ
ମୁହଁ ଶୁଖାଇ,
ନାହିଁ ଡେଣା ଉଡ଼ି
ପାରିବି ନାହିଁ ।
ପକ୍ଷୀ ନୁହେଁ ମୁହିଁ ମଣିଷଟିଏ,
ଉଡ଼ିବା ମୋ ପାଇଁ ସହଜ ନୁହେଁ ।
ଆସୁ ଯେତେ ବାଧା ସବୁକୁ ଠେଲି,
ପକ୍ଷୀ ବୋଲି ସିନା ଉଡୁଚ ବୁଲି ।
ବଡ଼ ଭାଗ୍ୟବାନ ପକ୍ଷୀ ଜଗତ,
ଉଡ଼ି ଉଡ଼ି କର ଜଗତ ହିତ ।


-ଡ. ଜ୍ୟୋତିର୍ମୟୀ ମହାନ୍ତି
ବାଗସାହି, ଜଗତ୍‌ସିଂହପୁର

# ଜଣା ଅଜଣା




✲ ସମୁଦ୍ର ମଧ୍ୟରେ କ୍ଷିପ୍ରଗତିରେ ପହଁରି ପାରୁଥିବା ମାଛଙ୍କ ମଧ୍ୟରୁ ଅନ୍ୟତମ ବ୍ଲୁ-ମାର୍ଲିନ୍, ନିଜର ଖଣ୍ଡାଭଳି ତୀକ୍ଷ୍ଣ ଥଣ୍ଟ ସାହାଯ୍ୟରେ ଅନ୍ୟମାଛଙ୍କୁ ଶିକାର କରି ଖାଇଥାଏ।

✲ ସମୁଦ୍ର ଜଳରେ ସୋଡିୟମ୍ କ୍ଲୋରାଇଡ୍‌ର ମାତ୍ରା ଅଧିକ ଥିବା ହେତୁ ଏହାର ସ୍ୱାଦ ଲୁଣିଆ ଲାଗେ।



✲ ଦକ୍ଷିଣ-ପଶ୍ଚିମ ଆମେରିକା ତଥା ଉତ୍ତର-ପଶ୍ଚିମ ମେକ୍ସିକୋରେ ଦେଖାଦେଉଥିବା ମରୁ କଇଁଛ ବର୍ଷାଦିନେ ନାଳ ତିଆରି କରି ଜଳ ସଞ୍ଚୟ କରିଥାଏ ଏବଂ ବର୍ଷାଦିନ ପରେ ଏହି ସଞ୍ଚିତ ଜଳକୁ ପିଇ ଶୋଷ ମେଣ୍ଟାଇଥାଏ।



✲ ପୃଥିବୀର ବୃହତ୍ତମ ସାପ ପ୍ରଜାତି ମଧ୍ୟରୁ ଅନ୍ୟତମ ଅଜଗର। ଏହା ନିଜ ମୁଣ୍ଡର ପ୍ରାୟ ପାଞ୍ଚଗୁଣା ବଡ଼ ଶିକାରକୁ ଆରାମରେ ଗିଳି ଖାଇବାର କ୍ଷମତା ରଖେ।




✲ ପୃଥିବୀପୃଷ୍ଠର ତାପମାତ୍ରା ସର୍ବାଧିକ ୫୮ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବା ବେଳେ ସୂର୍ଯ୍ୟଙ୍କ ନିକଟତମ ଗ୍ରହ ବୁଧର ତାପମାତ୍ରା ଦିନ ବେଳା ପ୍ରାୟ ୪୨୭ ଡିଗ୍ରୀ ସେଲସିୟସ୍ ରହିଥାଏ।



ଆଇନା



ସୁଶୋଭନ
୭ ବର୍ଷ



ପ୍ରତୀକ
୬ ବର୍ଷ





ଆରାଧ୍ୟା
୭ ବର୍ଷ